## ସଂକ୍ଷେପରେ

### ଏବିଡିଓଙ୍କ ବେକରୁ ଝାମ୍ପିନେଲେ ଚେନ୍

ଅନୁଗୋଳ ଅଫିସ, ୬।୯: ଅନୁଗୋଳ ସହରରେ ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ। ବିଶେଷକରି ପାର୍ବଣ ସମୟ ହୋଇଥିବାରୁ ଲୁଟେରାମାନେ ସକ୍ରିୟ ହୋଇପଡ଼ିଛନ୍ତି। ସୁଯୋଗ ପାଇବା ମାତ୍ରେ ଟଙ୍କା, ସୁନାଗହଣା ଲୁଟି ନେଉଛନ୍ତି। ମଙ୍ଗଳବାର ଛିନ୍ତାଇର ଶିକାର ହୋଇଛନ୍ତି ଅନୁଗୋଳ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ନାଏକ। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ଘଟିଛି ଏହି ଘଟଣା। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୮୩/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଏକ ସରକାରୀ କାର୍ଯ୍ୟାଳୟରୁ ତାଙ୍କ ସ୍କୁଟି (ନଂ. ଓଡି୧୯-ଏସ୍-୪୧୧୭)ରେ ଫେରୁଥିଲେ। ଅନୁଗୋଳ ମହାବିଦ୍ୟାଳୟ ସମ୍ମୁଖରେ ଥିବା ସ୍ପିଡ୍‌ବ୍ରେକରରେ ଗାଡ଼ି ସ୍ଲୋ ହେବା ମାତ୍ରେ ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ୧୧ ଗ୍ରାମର ସୁନା ଚେନ୍ ସହ ୩ ଗ୍ରାମର ଲକେଟ୍ ଝାମ୍ପିନେଇଥିଲେ। ଏବିଡିଓ ପିଛା କରିଥିଲେ ହେଁ ଦୁର୍ବୃତ୍ତମାନେ ବିଇଡି ଛକ ଦେଇ ମିଶ୍ରପଡ଼ା ଓ ମାଟିଆସାହି ଆଡ଼କୁ ଦ୍ରୁତଗତିରେ ପଳାଇ ଯାଇଥିଲେ। ଅଭିଯୋଗ ପାଇ ମାମଲା ରୁଜୁ କରିବା ସହ ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ତଦନ୍ତ କରୁଥିବା ସୂଚନା ମିଳିଛି।

### ଗୋ ହତ୍ୟା ଅଭିଯୋଗରେ ୩ ଗିରଫ



ଛେଣ୍ଡିପଦା,୬।୯(ସ୍ୱ.ପ୍ର.): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ମଙ୍ଗଳବାର ଗୋ ହତ୍ୟା ଅଭିଯୋଗରେ ପରଙ୍ଗ ଗ୍ରାମର ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲଣ କରିଛି। ପୋଲିସ କହିଛି, ପରଙ୍ଗ ଗ୍ରାମର ଅବିନାଶ ନାଏକଙ୍କ ଗୁହାଳରୁ ସୋମବାର ରାତିରେ ଏକ ଗୋରୁ ଚୋରି ହୋଇଥିଲା। ବହୁ ଖୋଜାଖୋଜି ପରେ ମଙ୍ଗଳବାର ସେହି ଗ୍ରାମର କିଷନ ଗୋଚ୍ଛାୟତ, ଶରତ ଗୋଚ୍ଛାୟତ ଓ ରିମା ଗୋଚ୍ଛାୟତ ମାଂସ ରାନ୍ଧୁଥିବା ଦେଖି ଅବିନାଶ ଗ୍ରାମରକ୍ଷୀ ଓ ଗ୍ରାମ ସଭାପତିଙ୍କୁ ସେଠାକୁ ଡାକି ଆଣିଥିଲେ। ସେମାନେ ୩ ଅଭିଯୁକ୍ତଙ୍କୁ ପଚାରିବାରୁ ସେମାନେ ଗୋରୁ ଚୋରିକରି ଆଣିବା ସହ ମାରି କିଛି ମାଂସ ରୋଷେଇ କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ଅବିନାଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୭୭/୨୨ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯିବା ପରେ ୩ ଅଭିଯୁକ୍ତ କିଷନ, ରିମା ଓ ଶରତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

### ଶତାୟୁଙ୍କ ପରଲୋକ

ବଇଣ୍ଡା, ୬।୯ (ଡି.ଏନ.ଏ.): କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ କଣ୍ଡାଳ ଗ୍ରାମର ଶତାୟୁ କାର୍ତ୍ତିକ ବେହେରା (୧୦୨)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଜଣେ ସଫଳ ଚାଷୀ ହୋଇଥିବା ବେଳେ କିଛି ଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତୁଣୀ, ନାତିଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଦୂର ହେଉନି ଦମକଳ ଦ୍ୱନ୍ଦ୍ୱ

- ବଇଣ୍ଡାରେ ସ୍ଥାପନ ହେଉନାହିଁ ଅଗ୍ନିଶମ କେନ୍ଦ୍ର
- ଜାନୁୟାରୀ ୨୦୨୧ରେ ସରକାର କରିଥିଲେ ଘୋଷଣା
- ୨୦ ମାସ ପରେ ବି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ



ପରିକ୍ଷିତ ସାହୁ
ବଇଣ୍ଡା,୬।୯

ନିଆଁ ଗିଳୁଛି ଘର। ଆଖି ଆଗରେ ଜଳିଯାଉଛି ବର୍ଷ ବର୍ଷର ସମ୍ପତ୍ତି। ପ୍ରତିବର୍ଷ ସର୍ବସ୍ୱାନ୍ତ ହେଉଛନ୍ତି ୫୦ରୁ ଊର୍ଦ୍ଧ୍ୱ ପରିବାର। ନିକଟରେ ଅଗ୍ନିଶମ କେନ୍ଦ୍ରଟିଏ ନ ଥିବାରୁ ଏହି ବିପତ୍ତିରୁ ମିଳିପାରୁନି ଆଶ୍ୱସ୍ତି। ଏ ନେଇ ଦୀର୍ଘ ୨୪ବର୍ଷ ହେଲା ହୋଇଆସୁଛି ଦାବି। ୨୦୨୧ ଜାନୁୟାରୀ ୨ରେ ଦମକଳ କେନ୍ଦ୍ରଟିଏ ସ୍ଥାପନ ପାଇଁ ସରକାର କରିଥିଲେ ଘୋଷଣା। ହେଲେ ୨୦ ମାସ ପରେ ବି ନିଆଯାଇନି କୌଣସି ପଦକ୍ଷେପ। ଏପରି କି ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହେବ କି ନାହିଁ ସେ ନେଇ ଦେଖାଦେଇଛି ଆଶଙ୍କା। ଫଳରେ ଦମକଳ କେନ୍ଦ୍ରକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇପାରୁନାହିଁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାବାସୀଙ୍କ ମନରୁ।

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ହେଉଛି ବଇଣ୍ଡା ବଜାର। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ବଜାରରେ ୫ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ଥିବାବେଳେ ଏହା ଉପରେ ନୁନୁକାପଶି, ହଣ୍ଡପା, ଲୁହାମୁଣ୍ଡା, କଣ୍ଟେଇକୋଳିଆ, ନାକିଚି, ଉରୁକୁଳା, ଠେଲକନାଳି, ଗାଁ ବଇଣ୍ଡା, ଜାମୁନାଳୀ, ଆଠମଲ୍ଲିକ ବ୍ଲକର ପେଡିପଥର, ସାପଘରା, କୁରୁମଟାପ, ସାନହୁଲା, ପାଇକସାହି, କୃତ୍ତିବାସପୁର, ଠାକୁରଗଡ଼, ଆମ୍ବସରମୁଣ୍ଡା, ଟାପଡୋଲ, ମଇମୁରା, ଛେଣ୍ଡିପଦା ବ୍ଲକର କତଡା ପଞ୍ଚାୟତବାସୀ ନିର୍ଭର କରନ୍ତି। ହେଲେ ଏହି ବଜାରରେ ଥିବା ଦୋକାନ କିମ୍ବା ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଲେ ଏହାକୁ ତୁରନ୍ତ ଆୟତ୍ତ କରିବା ସମ୍ଭବପର ହେଉନାହିଁ। କାରଣ ବଇଣ୍ଡା ଅଞ୍ଚଳରେ ଦମକଳ କେନ୍ଦ୍ରଟିଏ ନ ଥିବାରୁ ୩୦ କି.ମି. ଦୂର ବାମୁର ନଚେତ ୩୬ କି.ମି. ଦୂର ଆଠମଲ୍ଲିକ ଅଞ୍ଚଳରୁ ଅଗ୍ନିଶମ କର୍ମଚାରୀଙ୍କୁ ଆସିବାକୁ ପଡୁଛି। ଫଳରେ ସେତେବେଳକୁ ସବୁକିଛି ପୋଡ଼ି ଛାରଖାର ହୋଇଯାଉଛି। ୨୦୨୦ରେ ହଣ୍ଡପା ଥାନା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୭୯ଟି ଘର ପୋଡ଼ିଯାଇଥିଲା। କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି ଘଟିଥିଲା। ୨୦୨୧ରେ ୬୫ଟି ଘର ଓ ୨୦୨୨ରେ ୮୧ ଘର ଜଳିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରତିବର୍ଷ ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତି ବଢ଼ୁଥିବାରୁ ହଣ୍ଡପା ଥାନା ଅଞ୍ଚଳର ବଇଣ୍ଡାଠାରେ ଏକ ଅଗ୍ନିଶମ କେନ୍ଦ୍ର ନିର୍ମାଣ ପାଇଁ ଦାବି କରାଯାଇ ଆସୁଛି। ୧୯୯୮ରୁ ଏ ନେଇ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ୨୦୦୯ ଫେବୃୟାରୀ ୧୫, ୨୦୧୭ ଜୁନ ୧୨ ଓ ୨୦୧୯ ଅଗଷ୍ଟ ୨୦ରେ ଅନୁଗୋଳ ଜିଲାପାଳ, ଅଗ୍ନିଶମ ଡିଜି, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ବଇଣ୍ଡାରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ହେବ ବୋଲି ନମ୍ବର ୪୮୪ ତା ୨।୧।୨୦୨୧ରେ ସରକାରଙ୍କ ପକ୍ଷରୁ ଚିଠି ଆସିଥିଲା। କିନ୍ତୁ ଏଯାଏ ଜମି ଚିହ୍ନଟ କରାଯାଇନାହିଁ କି ଶିଳାନ୍ୟାସ ମଧ୍ୟ ହୋଇନାହିଁ। ବଇଣ୍ଡା ଅଞ୍ଚଳରେ ବହୁ ସରକାରୀ ଜମି ଦଲାଲଙ୍କ ଦଖଲକୁ ଚାଲିଯାଉଥିବା ବେଳେ ସରକାରୀ କାର୍ଯ୍ୟାଳୟ ପାଇଁ ଜମି ଅଭାବ ପଡୁଥିବା ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ବଇଣ୍ଡା ଅଗ୍ନିଶମ କେନ୍ଦ୍ର ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

#### ସରକାରଙ୍କ ଆନ୍ତରିକତା ନାହିଁ



“ ବଇଣ୍ଡାଠାରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ପାଇଁ ବହୁବାର ଦାବି କରାଯାଇଛି। ହେଲେ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ହୋଇପାରୁନାହିଁ। ଏହି ଅଗ୍ନିଶମ କେନ୍ଦ୍ର ସ୍ଥାପନ ହେଲେ ୩ ବ୍ଲକର ଲୋକେ ଉପକୃତ ହେବେ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ।

-ଭରତ ଚନ୍ଦ୍ର ସାହୁ, ପେଡିପଥର ସରପଞ୍ଚ

#### ଦୃଷ୍ଟି ଦେଉନାହାନ୍ତି ଲୋକ ପ୍ରତିନିଧି



“ ରାଜ୍ୟ ସରକାରଙ୍କ ଘୋଷଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଜିଲା ପ୍ରଶାସନିକ ଅଧିକାରୀ କିମ୍ବା ଲୋକ ପ୍ରତିନିଧି ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ବଇଣ୍ଡା ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି।

-ଘନଶ୍ୟାମ ବେହେରା, ଆଇନଜୀବୀ

#### ଘୋଷଣା କେବଳ ଘୋଷଣାରେ



“ ବଇଣ୍ଡା ଅଞ୍ଚଳ ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ହୋଇଥିବାବେଳେ ଏଠାରେ ଅଗ୍ନିଶମ କେନ୍ଦ୍ର ହେଲେ ଆଖପାଖ ଅଞ୍ଚଳର ଲୋକେ ତୁରନ୍ତ ସୁବିଧା ପାଇପାରିବେ। ହେଲେ ସରକାରୀ ଘୋଷଣା କେବଳ ଘୋଷଣାରେ ରହିଯାଇଛି।

-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ

#### ଆବେଦନ କରାଗଲେ ଜମି ଦିଆଯିବ



“ ବଇଣ୍ଡାଠାରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ପାଇଁ ବିଭାଗ ପକ୍ଷରୁ ଆମକୁ ଜମି ପାଇଁ ଆବେଦନ କରାଗଲେ ତାହା ଯୋଗାଇ ଦିଆଯିବ। ଜମିର ଅଭାବ ନାହିଁ। ଅଗ୍ନିଶମ ବିଭାଗ ପକ୍ଷରୁ ସରକାରୀ ନିୟମ ଅନୁଯାୟୀ ଆବେଦନ କରାଯାଉ।

-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର, କିଶୋରନଗର

#### ଶୀଘ୍ର ପଦକ୍ଷେପ ନିଆଯିବ



“ ବଇଣ୍ଡା ଗ୍ରାମବାସୀଙ୍କ ଦାବିକୁ ରାଜ୍ୟ ସରକାର ଗ୍ରହଣ କରିବା ସହ ଅଗ୍ନିଶମ କେନ୍ଦ୍ର ନିର୍ମାଣ ନିମନ୍ତେ ଘୋଷଣା ମଧ୍ୟ କରିଛନ୍ତି। ତେଣୁ କିଭଳି ଶୀଘ୍ର ନିର୍ମାଣ କାର୍ଯ୍ୟ ହେବ, ସେ ନେଇ ପଦକ୍ଷେପ ନିଆଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

## ପୋଲିସ ବାବୁଙ୍କ ଗାଡ଼ି ଧକ୍କାରେ ଯୁବକ ମୃତ

ଅନୁଗୋଳ ଅଫିସ, ୬।୯



ଅନୁଗୋଳ ଜିଲା ଜରପଡ଼ା ଥାନା ତୁବେ ଅଞ୍ଚଳରେ ଜଣେ ପୋଲିସ ବାବୁଙ୍କ କାର୍ ଧକ୍କାରେ ମଙ୍ଗଳବାର ବାଇକ୍ ଆରୋହୀ ଟାଇଁସି ଭାଲୁମୁଣ୍ଡା ଅଞ୍ଚଳର ଗଣେଶ୍ୱର ପ୍ରଧାନ(୩୦)ଙ୍କ ମୃତ୍ୟୁ ହୋଇଛି। ସେ ନାବାର୍ଡର କର୍ମଚାରୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଣେଶ୍ୱର ଏନ୍‌ଏଚ୍-୫୫ରେ ଯାଉଥିବା ସମୟରେ ଅପରପାର୍ଶ୍ୱରୁ ଆସୁଥିବା ପୋଲିସ ବାବୁଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗାଡ଼ିରେ ଥିବା ପୋଲିସ ବାବୁ ଜଣଙ୍କ ଗଣେଶ୍ୱରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ହେଲେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଗଣେଶ୍ୱଙ୍କ ମୃତ୍ୟୁ ହୋଇଯାଇଛି। ଘଟଣାରେ ତଦନ୍ତ ଚାଲିଥିବା ଜରପଡ଼ା ପୋଲିସ ପକ୍ଷରୁ କୁହାଯାଇଛି।

## ୯ରେ କ୍ରିକେଟ୍ ଦଳ ଚୟନ

ଅନୁଗୋଳ ଅଫିସ, ୬।୯

ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏଶନ ଦ୍ୱାରା ୧୬ ବର୍ଷରୁ କମ୍ କ୍ରିକେଟ୍ ଖେଳାଳିଙ୍କ ଚୟନ ପ୍ରକ୍ରିୟା ଆସନ୍ତା ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିନିମନ୍ତେ ଇଚ୍ଛୁକ ଖେଳାଳି ନିଜ ନାମ ପଞ୍ଜୀକରଣ ନିମନ୍ତେ ଅନୁଗୋଳ କଦମ ପଡିଆଠାରେ ଉପସ୍ଥିତ ରହି ରଖାଯାଇଥିବା ନିୟମାବଳୀ ଅନୁସାରେ ଭାଗ ନେଇପାରିବେ। ଖେଳାଳିଙ୍କ ବୟସ ୧୪ରୁ ଊର୍ଦ୍ଧ୍ୱ ଓ ୧୬ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଖେଳାଳି ଜନ୍ମଗତ ପ୍ରମାଣ ପତ୍ର (ଡିଜିଟାଲ) ଅରଜିନାଲ ଓ ଆଧାର କାର୍ଡ ସାଙ୍ଗରେ ଆଣିଥିବା ଦରକାର ବୋଲି ସମ୍ପାଦକ ସାଗର ନାଥ କହିଛନ୍ତି।

## ଉପ ସଭାପତିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

ଅନୁଗୋଳ ଅଫିସ, ୬।୯

ଅନୁଗୋଳ ଜିଲା କଣିହାଁ ବ୍ଲକ ୮ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ତଥା ଜିଲା ପରିଷଦ ଉପ ସଭାପତି ରଶ୍ମିତା ସେଠୀଙ୍କ ଗାଡ଼ି ମଙ୍ଗଳବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନୁଗୋଳ ଡିଆଇସି ଛକରେ ଏକ ଟ୍ରକ୍ ଧକ୍କାରେ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଉପସଭାପତି ସୁରକ୍ଷିତ ଥିବା ସୂଚନା ମିଳିଛି। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଧରି ଥାନାକୁ ଆଣିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିବାକୁ ଯାଇଥିବା ଉପ ସଭାପତି ରଶ୍ମିତା ସେଠ ଫେରିବା ସମୟରେ ରାତି ୮ଟା ୧୫ରେ ଡିଆଇସି ଛକରେ ତାଙ୍କ କାର୍ (ନଂ. ଓଡି୦୨ବିପି-୮୪୧୪)କୁ ଏକ ହାଇୱା ଧକ୍କା ଦେଇଥିଲା। ଦୁର୍ଘଟଣା ଖବରପାଇ ତୁରନ୍ତ ବିଜେଡି ଜିଲା ସଭାପତି ମହେନ୍ଦ୍ର ବସ୍ତିଆଙ୍କ ସହ ଅନ୍ୟ ନେତାମାନେ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବାରୁ ଅନୁଗୋଳ ପୋଲିସ ପହଞ୍ଚି ଉଭୟ ପକ୍ଷକୁ ଥାନାକୁ ଆଣିଥିଲା। ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଆପୋସ ବୁଝାମଣା ଚାଲିଥିବା ଜିଲା ସଭାପତି ବସ୍ତିଆ ସୂଚନା ଦେଇଛନ୍ତି।

## ପୋଲିସ ଉଠାଇ ଆଣିଲା ୪ ଗାଡ଼ି

ଅନୁଗୋଳ ଅଫିସ, ୬।୯

**ବେଆଇନ ଲଟେରି ଅଭିଯୋଗ**

ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ଗଣେଶ ପୂଜା ଠାରୁ ଲଟେରି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବସ୍‌ଷ୍ଟାଣ୍ଡର ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହାର ଆୟୋଜନ କରାଯାଇଛି। ହେଲେ ଏହି ଲଟେରିକୁ ବେଆଇନ ଭାବେ ଦର୍ଶାଇ ଜଣେ ବ୍ୟକ୍ତି ଅନୁଗୋଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ପରେ ଅନୁଗୋଳ ଥାନା ପକ୍ଷରୁ ପୁରସ୍କାର ବାବଦକୁ ରଖାଯାଇଥିବା ୪ଟି ଗାଡ଼ିକୁ ଥାନାକୁ ଉଠାଇ ଅଣାଯାଇଥିବା ଜଣାପଡ଼ିଛି। ଏପରି କି ଗାଡ଼ିଗୁଡ଼ିକୁ ଅନୁଗୋଳ ପୋଲିସ ପକ୍ଷରୁ ଜବତ କରାଯାଇଥିବା ଥାନା ପକ୍ଷରୁ କୁହାଯାଇଛି। ତେବେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ଏପରି ଲଟେରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସର୍ବସାଧାରଣଙ୍କ ସମ୍ମୁଖରେ ଏହାର ଉଠାଣ ହୋଇଥାଏ। ଏ ନେଇ କୌଣସି ସ୍ଥାନରୁ ଅନୁମତି ପ୍ରଦାନ କରାଯାଉ ନ ଥିବାରୁ ଏହାକୁ ଅନୁଷ୍ଠାନ ପକ୍ଷରୁ ଶୃଙ୍ଖଳାର ସହ ଆୟୋଜନ କରାଯାଇଆସୁଛି। କିନ୍ତୁ ପୋଲିସ କାହିଁକି ଏବର୍ଷ ଏଭଳି ପଦକ୍ଷେପ ଗ୍ରହଣ କଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜିଲାବ୍ୟାପୀ ଆନ୍ଦୋଳନ କରିବ ମହିଳା ମୋର୍ଚ୍ଚା



ବୈଠକରେ ଉପସ୍ଥିତ ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ,୬।୯

**ରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ଅଭିଯୋଗ**

ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ୁଛି। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟରୁ ଏହା ଜଣାପଡୁଥିବା ଅନୁଗୋଳ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯିବା ସହ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି।

ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ମହିଳା ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁହାଯାଇଛି ଯେ, ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ପୂର୍ବବର୍ଷ ଅପେକ୍ଷା ୨୩ ପ୍ରତିଶତ ଅଧିକ ମହିଳା ଅତ୍ୟାଚାରର ଶିକାର ହୋଇଛନ୍ତି। ମହିଳାମାନେ ରାଜ୍ୟରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଦୈନିକ ୬ ଜଣ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ପୋଲିସ ପ୍ରଶାସନ ଉପରୁ ମହିଳାଙ୍କ ଭରସା ତୁଟିଗଲାଣି। ଥାନାକୁ ଗଲେ ନ୍ୟାୟ ମିଳୁନି। ଶାସକ ଦଳର ନେତାଙ୍କ ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାର ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ଜିଲାବ୍ୟାପୀ ଆନ୍ଦୋଳନ କରିବାକୁ ସ୍ଥିର କରିଛି। ଜିଲା ସଭାନେତ୍ରୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲା ଉପସଭାନେତ୍ରୀ ସରିତା ମିଶ୍ର, ଝୁନୁବାଳା ପ୍ରଧାନ ଓ ଶୋଭାଗିନୀ ପ୍ରଧାନ, ସାଧାରଣ ସମ୍ପାଦକ ଶୁଚିସ୍ମିତା ତ୍ରିପାଠୀ, ସମ୍ପାଦକ ସଂଯୁକ୍ତା ମହାରଣା, ସୁଲୋଚନା ଦ୍ୱିବେଦୀ, ପ୍ରଜ୍ଞ୍ୟା ଦାସ, ବିନତି ନାଏକ, ସୁଜାତା ଖିଲାର, ସଂଯୁକ୍ତା ନନ୍ଦ, ଜାନକୀ ସାହୁ, ଦୀପ୍ତିପ୍ରଭା ମହାରଣା, ମିଲ୍ଲୀ ପ୍ରଧାନ, ମୃଣାଳିନୀ ପଟ୍ଟନାୟକ, ସୀତାରାଣୀ ନାଥ, ବିଜୟ ଲକ୍ଷ୍ମୀ ଗଡ଼ନାୟକ ପ୍ରମୁଖଙ୍କ ସମେତ କୋର୍ କମିଟି ସଦସ୍ୟାମାନେ ଯୋଗ ଦେଇଥିଲେ।

## ଗୁରୁଙ୍କୁ ସମ୍ମାନ ଉପରେ ଆଲୋକପାତ




ଗୁରୁଦିବସ ପାଳନ ଅବସରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୬।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌କମ୍ ବିଭାଗ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ସୋମେଶ୍ ଦତ୍ତ ଦାଶ ପୁରାତନ ଏବଂ ବର୍ତ୍ତମାନ ସମୟରେ ଗୁରୁଙ୍କୁ ଦିଆଯାଉଥିବା ସମ୍ମାନ ଓ ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଦୀପକ ମିଶ୍ର, ଲିପିକା ପରିଡ଼ା, ରଞ୍ଜୟ ସର, ଦେବବ୍ରତ ସାହୁ, ଗାର୍ଗୀ ପ୍ରୟଦର୍ଶିନୀ ସାହୁ, ଅଙ୍କିତା ପଟ୍ଟନାୟକ, ଜ୍ୟୋସ୍ନାରାଣୀ ସାହୁ, ଅଜୟ ପଟ୍ଟନାୟକ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶଶିଭୂଷଣ ତ୍ରିପାଠୀ ସଞ୍ଚାଳନ କରିଥିବାବେଳେ ଆଇଏମ୍‌ବିଏ ଓ ଏମ୍‌କମ୍‌ର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

କଣିହାଁ, ୬।୯ (ଡି.ଏନ.ଏ.)

**୮୫ ତମ ପ୍ରଜାମଣ୍ଡଳ ଦିବସ ପାଳିତ**

କଣିହାଁ ବ୍ଲକସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଧବାର ୮୫ତମ ପ୍ରଜାମଣ୍ଡଳ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମୁଖ୍ୟ ବକ୍ତା ଭାବେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଅନ୍ୟତମ ଅତିଥି ଭାବେ ଏନ୍‌ଟିପିସି ଇଆର୍ ଜୋନ- ୨ ଆର୍‌ଇଡି ଅଶିମ କୁମାର ଗୋସ୍ୱାମୀ, ଏନ୍‌ଟିପିସି କଣିହାଁ ପ୍ରକଳ୍ପ ସିଜିଏମ୍ କେ.ଏସ. ସୁନ୍ଦରମ, ଜିଏମ୍ (ଏଚ୍‌ଆର୍) ପ୍ରେମ ଚାନ୍ଦ, ସିଆଇଏସ୍‌ଏଫ୍ ଡି.ସି. ବ୍ରିଜ ମୋହନ ସିଂ, ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସ୍ତମ୍ଭ, ସ୍ୱାଧୀନତା ସଂଗ୍ରାମୀ ସ୍ତମ୍ଭ, ଉତ୍କଳ ମଣି ଗୋପବନ୍ଧୁ ଦାସ, ପବିତ୍ର ମୋହନ ପ୍ରଧାନ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ 'ଆମେ ସଂଗ୍ରାମୀ' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅତିଥିମାନେ ତାଳଚେର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ସମେତ ଅନେକ ସଂଗ୍ରାମୀଙ୍କ ଅବଦାନ ଓ ତାଳଚେର ପାଇଁ କରିଯାଇଥିବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ପରେ ସ୍ୱାଧୀନତା ସଂଗ୍ରାମୀ, ସଂଗ୍ରାମୀଙ୍କ ଦାୟାଦ, ଶହୀଦ ଯବାନଙ୍କ ପରିବାରକୁ ଅତିଥିମାନେ ସମ୍ମାନିତ କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ସଭାପତି ନୃସିଂହ ବରାଳ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ନିର୍ମଳ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟର ଟୁନା ସାହୁ, କର୍ଣ୍ଣ ଭୂତିଆ, ତ୍ରିପୁରାରୀ ପ୍ରଧାନ, କ୍ଷୀରସିନ୍ଧୁ ସେଠୀ, ସୁଧାକର ପ୍ରଧାନ, ଅବନୀ ସାହୁ, ନୀଳକଣ୍ଠ ବେହେରା, ଦେବଦତ୍ତ ପ୍ରଧାନ, ଆକୁଳ ସାହୁ, ସୁନୀଲ କୁମାର ପ୍ରଧାନ, ରୂପକ ପ୍ରଧାନ, ଆଲୋକ ସାହୁ, ବଟକୃଷ୍ଣ ସାହୁ, ଅରବିନ୍ଦ ପ୍ରଧାନ, ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ଶିବରାମ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବାହୁଡ଼ିଲେ ବିଘ୍ନନାଶନ

- ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ସହର
- ଆକର୍ଷଣ ପାଲଟିଲା ଦକ୍ଷିଣ ଭାରତୀୟ ବେଶଭୂଷା
- ୮,୦୦୦ ଟଙ୍କାରେ ନିଲାମ ହେଲା ଆଣ୍ଠୁଲଡୁ

ଢେଙ୍କାନାଳ ଅଫିସ, ୬।୯

ସରିଛି ୭ଦିନରେ ପୂଜାର୍ଚ୍ଚନା। ଏକ ଭାବବିହ୍ୱଳ ପରିବେଶରେ ମଙ୍ଗଳବାର ବିଘ୍ନନାଶନଙ୍କୁ ମେଲାଣି ଦେଇଛନ୍ତି ଢେଙ୍କାନାଳ ସହରବାସୀ। ପାରମ୍ପରିକ ଲୋକବାଦ୍ୟ, ଲୋକନୃତ୍ୟ, ଲୋକସଙ୍ଗୀତରେ ସହର ହୋଇଉଠିଥିଲା ପ୍ରକମ୍ପିତ। ବଜରଙ୍ଗ କ୍ଲବ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ଦକ୍ଷିଣ ଭାରତୀୟ ବେଶଭୂଷା, କୁମ୍ଭାରସାହି ରାଇଜିଂଷ୍ଟାର କ୍ଲବର ଘୋଡ଼ାନାଚ, ଜିରାଫ୍ ନାଚ, ମୁଖାନୃତ୍ୟ ସାଜିଥିଲା ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ। ରାତି ସାଢ଼େ ୧୦ଟା ସୁଦ୍ଧା ସମସ୍ତ ମେଢ଼ ନିର୍ଦ୍ଧାରିତ ଜଳାଶୟରେ ବିସର୍ଜିତ ହୋଇଛି।

ମିଳିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସକାଳ ୭ଟାରୁ ସହରର ସମସ୍ତ ମେଢ଼ ଆସ୍ଥାନ ଛାଡ଼ି ମିନି ଷ୍ଟାଡିୟମ୍‌ଠାରେ ଏକାଠି ହୋଇଥିଲେ। ପୂର୍ବାହ୍ନ ୮ଟାରେ ଲଟେରି ଉଠାଣ ହୋଇଥିଲା। ୧ନଂ.ରେ ବାଜିଚୌକ ପୂଜା ପ୍ରତିଷ୍ଠାନ, ୨ନଂ.ରେ ରାଧାକୃଷ୍ଣ ବଜାର ପୂଜା କମିଟି, ୩ନଂ.ରେ ମା' ସୁନ୍ଦରଶୁଣୀ ପୂଜା କମିଟି ରହିଥିଲା। ଏହାପରେ କ୍ରମାନ୍ୱୟରେ କାରିଗର ସାହି, ମହାବୀର ବଜାର, ରାମେଶ୍ୱରପୁର ଜୟ ଜଗନ୍ନାଥ କ୍ଲବ, ଚନ୍ଦନବଜାର ଜୟ ଜଗନ୍ନାଥ କ୍ଲବ, ଇମେନ୍ସ କ୍ଲବ, କାଳିକା ବଜାର, ମହାବୀର ୟୁଥ୍ କ୍ଲବ ଗୋଡ଼ିପୋଖରୀ, ଗୋଲଡେନ୍‌ଷ୍ଟ୍ରିଟ୍ ଗୁଡ଼ିଆନାଳୀ, ରୟାଲ କ୍ଲବ ଭଗବାନପୁର, ବିକାଶ ୟୁଥ୍ କ୍ଲବ ଖମାରସାହି, ତ୍ରିନାଥ ୟୁଥ୍ କ୍ଲବ ଜୁବ୍‌ଲି ଟାଉନ, ଡାଇମଣ୍ଡ କ୍ଲବ, ମହାଲକ୍ଷ୍ମୀ କ୍ଲବ କାରିଗର ସାହି, ଗଣେଶ ବଜାର, ଗାନ୍ଧୀମନ୍ଦିର କ୍ଲବ, ଫାଇଭ୍‌ଷ୍ଟାର କ୍ଲବ ମିନାବଜାର, କ୍ରିଷ୍ଣାବଜାର କୁଞ୍ଜକାନ୍ତ, ଭାଗୀରଥି କ୍ଲବ ଗୁଡ଼ିଆନାଳୀ, ଜଜ୍‌ମେଣ୍ଟ କ୍ଲବ ଦୁର୍ଗାବଜାର, ଆନନ୍ଦ ବଜାର, ନେତାଜୀ କ୍ଲବ, ଅମଲାପଡ଼ା, ରାଇଜିଂଷ୍ଟାର କ୍ଲବ, ସୁପର ଟାଇଗର କ୍ଲବ, ଇଣ୍ଡିଆନ କ୍ଲବ, କାଞ୍ଚନବଜାର, ବୁଲେଟ୍-୧୧ କ୍ଲବ, ପଦ୍ମଶ୍ରୀ କ୍ଲବ ପଦ୍ମବଜାର, ମୃଦଙ୍ଗୀ ସାହି ଆଦି ରହିଥିଲେ। ମିଳିତ ଶୋଭାଯାତ୍ରାରେ ମୋଟ ୩୯ଟିରୁ ୩୩ଟି ମେଢ଼ ସାମିଲ ହୋଇଥିଲେ।


ବଜରଙ୍ଗ କ୍ଲବର ପାରମ୍ପରିକ ବାଦ୍ୟ ଓ ଦକ୍ଷିଣଭାରତ ବେଶଭୂଷା।

ଏଥିପୂର୍ବରୁ ମିନି ଷ୍ଟାଡିୟମ୍‌ରେ ମହାପ୍ରଭୁ ଗଣେଶଙ୍କ ଆଣ୍ଠୁଲଡୁ ନିଲାମ ହୋଇଥିଲା। ୮୦୦୦ ଟଙ୍କାରେ ଗଣେଶ ବଜାର ପୂଜା କମିଟି ନିଲାମ ନେଇଥିଲା। ଲଟେରି ଉଠାଣ ଓ ଆଣ୍ଠୁଲଡୁ ନିଲାମ ବେଳେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ସଦର ଏସ୍‌ଡିପିଓ ବିକାଶ ବେଉରା, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପୂଜା ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁଧାଂଶୁ ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

# ବାରଣ ସତ୍ତ୍ୱେ ବାଜିଲା ଡିଜେ

- ସହରବାସୀଙ୍କୁ ନୟାନ୍ତ କଲା ଟ୍ରାଫିକ୍ ଜାମ୍
- ପୋଲିସ ପଦକ୍ଷେପ ଉପରେ ପ୍ରଶ୍ନବାଚୀ

ଢେଙ୍କାନାଳ ଅଫିସ, ୬।୯

ବାରଣ ସତ୍ତ୍ୱେ ବାଜିଲା ଡିଜେ। ଟ୍ରାଫିକ୍ ଜାମରେ ଘଣ୍ଟା ଘଣ୍ଟା ଧରି ଫସିରହିଲେ ସହରବାସୀ। ଆମ୍ବୁଲାନ୍ସ ମଧ ଏଥିରୁ ବାଦ୍ ପଡ଼ିଲାନାହିଁ। ଢେଙ୍କାନାଳ ପୋଲିସର ସୁଚିନ୍ତିତ ଯୋଜନା ଅଭାବରୁ ମଙ୍ଗଳବାର ଶ୍ରୀଗଣେଶଙ୍କ ଭସାଣି ଶୋଭାଯାତ୍ରାରେ ଏପରି ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଚର୍ଚ୍ଚା ହେଉଛି।

ଭସାଣିରେ ଡିଜିଟାଲ ସାଉଣ୍ଡକୁ ବାରଣ କରାଯାଇଥିବାବେଳେ ଦେଖିବାକୁ ମିଳିଥିଲା ଏହାର ବିପରୀତ ଚିତ୍ର। କେତେକ ପୂଜା ପ୍ରତିଷ୍ଠାନ ପକ୍ଷରୁ ଭସାଣିରେ ସାମିଲ୍ କରାଯାଇଥିଲା ଉଚ୍ଚ ଶବ୍ଦଯୁକ୍ତ ଡିଜେ। କେବଳ ଏତିକି ନୁହେଁ, ଶୋଭାଯାତ୍ରା ଆରମ୍ଭ ହେବାପରେ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକରୁ ଜିଲାପାଳ, ଏସ୍‌ପି, ଜିଲା ବନଖଣ୍ଡ କାର୍ଯ୍ୟାଳୟ ଏବଂ ମୁଖ୍ୟ ଡାକଘର ଦେଇ ଯାଇଥିବା ରାସ୍ତାରେ ଅସମ୍ଭାଳ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। କାର୍ଯ୍ୟାଳୟକୁ ଆସୁଥିବା ଅଧିକାରୀ, କର୍ମଚାରୀଙ୍କ ସମେତ ଜରୁରୀ କାର୍ଯ୍ୟରେ ବାହାରିଥିବା ଲୋକେ ନାହିଁ ନ ଥିବା ସମସ୍ୟାରେ ପଡ଼ିଥିଲେ। ଆଇନଶୃଙ୍ଖଳା ଜଗିବାକୁ ମୁତୟନ ହୋଇଥିବା ପୋଲିସ କର୍ମଚାରୀ ସବୁ ଦେଖିବା ସତ୍ତ୍ୱେ ନୀରବଦ୍ରଷ୍ଟା ସାଜିଥିଲେ। ପୋଲିସ କର୍ମଚାରୀ ମୋବାଇଲରେ ବ୍ୟସ୍ତ ଥିବାବେଳେ ସାଧାରଣ ଲୋକେ ଟ୍ରାଫିକ୍ ଜାମ୍‌ରେ ଫସି ଯନ୍ତ୍ରଣା ଭୋଗିଥିଲେ। ଏପରି କି ରାସ୍ତାକଡ଼ ଗଛ ତଳେ କେତେଜଣ ପୋଲିସ କର୍ମଚାରୀ ବିଭାଗୀୟ ଗାଡିରେ ନିଶ୍ଚିନ୍ତରେ ବସି ରହିଥିଲେ। ଡିଜେ ସାଉଣ୍ଡ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ପ୍ରସ୍ତୁତି ବୈଠକରେ ସବୁ ନିୟମ ମାନିବାକୁ ପ୍ରତିଶ୍ରୁତି ଦେଇଥିବା ଗଣେଶ ପୂଜା ମିଳିତ କ୍ରିୟାନୁଷ୍ଠାନ କମିଟି ନୀରବତା ଅବଲମ୍ବନ କରିବା ଆଲୋଚନା ବିଷୟ ହୋଇଛି। ଏଭଳି ବିଶୃଙ୍ଖଳା ଯୋଗୁ ନିର୍ଦ୍ଧାରିତ ସମୟରୁ ସାଢ଼େ ୩ ଘଣ୍ଟା ବିଳମ୍ବ ଅର୍ଥାତ୍ ସାଢ଼େ ୧୦ଟା ବେଳକୁ ବିସର୍ଜନ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର କୁହନ୍ତି, ଅଧିକାଂଶ ମେଢ଼ର ବାଜା ଡେରିରେ ଆସିବାରୁ ଭସାଣି ବିଳମ୍ବ ହୋଇଛି।


ନିଲାମ ଆଣ୍ଠୁଲଡୁକୁ ଗଣେଶ ବଜାର ପୂଜା କମିଟି ସଦସ୍ୟ ନେଉଛନ୍ତି।


ଭସାଣି ଶୋଭାଯାତ୍ରାରେ ରାଇଜିଂଷ୍ଟାର କ୍ଲବର ଘୋଡ଼ାନାଚ।

## ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷ

କାମାକ୍ଷାନଗର, ୬।୯(ଡି.ଏନ.ଏ.): ଭୁବନ ଥାନା ଅଞ୍ଚଳରେ ୨୦୧୯ ନଭେମ୍ବର ୯ରେ ଘଟିଥିବା ଏକ ବଳାତ୍କାର ମାମଲାର ରାୟ କାମାକ୍ଷାନଗର ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ମଙ୍ଗଳବାର ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ଶ୍ରଦ୍ଧାଞ୍ଜଳି ରାଏ ଅଭିଯୁକ୍ତ ମଦନ ଦିଆଣିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କୁ ମଦନ ବଳାତ୍କାର କରିଥିବା ନେଇ ଭୁବନ ଥାନାରେ ନଂ. ୨୯୫/୨୦୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାର ଚାର୍ଜଶିଟ୍ ଦାଖଲ ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମଦନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ତାଙ୍କ ଓକିଲ ସର୍ବଜିତ୍ ଜୀ ସୂଚନା ଦେଇଛନ୍ତି।

# ଡାକ୍ତର ପଦବୀ ପୂରଣ ଦାବି



ଢେଙ୍କାନାଳ ଅଫିସ, ୬।୯

ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ବ୍ଲକ କର୍ମକର୍ତ୍ତାଙ୍କ ଏକ ବୈଠକ ସ୍ଥାନୀୟ ପିପାର ସମ୍ମିଳନୀ କକ୍ଷରେ ସଭାପତି ଦୁର୍ଗାଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ନାଗରିକମାନେ ଭୋଗୁଥିବା ସମସ୍ୟାର ସମାଧାନ ସହ ଏକ ନୂତନ ଅଫିସ ଗୃହ ଲାଗି ଦାବି କରାଯାଇଛି। କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ କର, ସଭାପତି ପ୍ରମୋଦ ନନ୍ଦ, ଅକ୍ଷୟ ସାହୁ, ଗୋପୀନାଥ ମହାନ୍ତି, ଡ. ସୁସନ୍ଧ୍ୟା ମହାନ୍ତି, ବାହାଦୁର ପାଟସାହାଣୀ, ବିନାୟକ ଶତପଥୀ, ସୁବାସ ଶତପଥୀ, ପ୍ରମୋଦ ଶତପଥୀ, ତ୍ରିନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ଗତିକୃଷ୍ଣ ବିଶ୍ୱାଳ, ଭଜମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ଅମ୍ବିକା ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚାୟତ ଆୟ ବୃଦ୍ଧି ପାଇଁ ଲାଗିଲା ଚାରା

**ଦେଓଗାଁ ସରପଞ୍ଚଙ୍କ ନିଆରା ପ୍ରୟାସ**

ଢେଙ୍କାନାଳ ଅଫିସ, ୬।୯

ପଞ୍ଚାୟତର ଆୟବୃଦ୍ଧି ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତର ସରପଞ୍ଚ ବିଜୟ କୁମାର ଦେହୁରୀ। ଦୀର୍ଘବର୍ଷ ତଳେ ପଞ୍ଚାୟତକୁ ମିଳିଥିବା ୨୦ ଏକର ଜମିରେ ଚାରା ରୋପଣ କରି ସେ ସୃଷ୍ଟି କରିଛନ୍ତି ନିଆରା ଉଦାହରଣ। ଲଗାଯାଇଥିବା କାଜୁ ଚାରା ସୁରକ୍ଷିତ ରହିଲେ ପଞ୍ଚାୟତର ଆୟ ବଢ଼ିବ ବୋଲି ସରପଞ୍ଚ ଆଶାବ୍ୟକ୍ତ କରିଛନ୍ତି।


ପଞ୍ଚାୟତ ପକ୍ଷରୁ ଚାରା ରୋପଣ କରାଯାଉଛି।

ସୂଚନାଯୋଗ୍ୟ, ୨୦ବର୍ଷ ତଳେ ରାଜ୍ୟ ସରକାରଙ୍କ ତରଫରୁ ପଞ୍ଚାୟତକୁ ୨୦ ଏକର ତଇଳା ଜମି ହସ୍ତାନ୍ତର କରାଯାଇଥିଲା। ତେବେ ଏହାକୁ ଆୟବୃଦ୍ଧିର ମାଧ୍ୟମ କରିବାକୁ କେହି ଆଗଭର ହେଉ ନ ଥିଲେ। ତେଣୁ ଉକ୍ତ ଜମି ବଣବୁଦାରେ ଭର୍ତ୍ତି ହୋଇ ରହିଥିଲା। ତେବେ ସରପଞ୍ଚ ବିଜୟଙ୍କ ଉଦ୍ୟମ ଏବଂ ୱାର୍ଡସଭ୍ୟ ଅଳକା ମହାନ୍ତିଙ୍କ ସହଯୋଗରେ ଉକ୍ତ ଜମିରେ ମଙ୍ଗଳବାର କାଜୁ ଚାରା ରୋପଣ କରାଯାଇଛି। ପ୍ରକଳ୍ପ ସଫଳ ହେଲେ ପଞ୍ଚାୟତ ଲକ୍ଷାଧିକ ଟଙ୍କାର ରାଜସ୍ୱ କମାଇବ ବୋଲି ସରପଞ୍ଚ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଜମିରେ କାଜୁ ଚାରା ରୋପଣ କରିବାକୁ ସରପଞ୍ଚ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହାପରେ ମୃତ୍ତିକା ସଂରକ୍ଷଣ ବିଭାଗକୁ ଚାରା ରୋପଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଗଛ ବଢ଼ିଲେ ୩ବର୍ଷ ପରେ ଏହାକୁ ପଞ୍ଚାୟତକୁ ହସ୍ତାନ୍ତର କରାଯିବ ବୋଲି ସରପଞ୍ଚ କହିଛନ୍ତି।

## ବ୍ରାହ୍ମଣୀରେ ଭାସୁଛି ମୃତଦେହ

ଢେଙ୍କାନାଳ ଅଫିସ, ୬।୯: ଢେଙ୍କାନାଳ ତୁମୁସିଙ୍ଗା ଥାନା ବ୍ରାହ୍ମଣୀ ନଦୀର କମଗରା ଘାଟ ପାର୍ଶ୍ୱରେ ମଙ୍ଗଳବାର ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଅଦ୍ୟାବଧି ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଅଞ୍ଚଳବାସୀ ଅଗ୍ନିଶମ ସେବା ସଂସ୍ଥା ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଛନ୍ତି। ନଦୀର ଉପର ମୁଣ୍ଡରୁ ମୃତଦେହ ଭାସି ଆସିଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ମୃତଦେହ ଜବତ ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ମଦ ଜବତ, ୫ ଗିରଫ

ଢେଙ୍କାନାଳ ଅଫିସ, ୬।୯: ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଦୁଇଦିନ ଧରି ସଦର, ହିନ୍ଦୋଳ ଓ ଗଁଦିଆ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୬୨ ଲିଟର ଦେଶୀ ମଦ, ୩.୬ ଲିଟର ବିଦେଶୀ ମଦ ଏବଂ ୭.୮ ଲିଟର ବିୟର ଜବତ କରାଯାଇଛି। ଏହି ଘଟଣାରେ ଗଁଦିଆ ଥାନା ରାଇଗୁଡ଼ା ଗ୍ରାମର ସଦା ଘଡ଼େଇ, ଶରଧାପୁର ଗ୍ରାମର ଦିବ୍ୟଜ୍ୟୋତି ବେହେରା, ସଦର ଥାନା ଶଙ୍କରପୁର ଗ୍ରାମର ବୁବୁନୁ ସାହୁ, ବିକ୍ରମ ସେନାପତି, ଗୋବିନ୍ଦପୁର ଗ୍ରାମର ଅନସୂୟା ସାହୁଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ସରିଲା ମେଳଣ, ଆଜି ଭସାଣି

- ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ବିସର୍ଜନ କାର୍ଯ୍ୟକ୍ରମ
- ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଭୁବନ, ୬।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନରେ ୭ଦିନ ଧରି ଚାଲିଥିବା ପ୍ରସିଦ୍ଧ ଗଣେଶ ପୂଜା ଶେଷ ହୋଇଛି। ମେଳଣ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଆୟୋଜିତ ୨ ଦିନିଆ ମେଳଣ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଥିବାବେଳେ ବୁଧବାର ମେଲାଣି ନେବେ ବିଦ୍ୟାଦାତା। ଏହାକୁ ନେଇ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ବିପୁଳ ଉତ୍କଣ୍ଠା ଦେଖାଦେଇଛି।

ଗଣପର୍ବରେ ପରିଣତ ହୋଇଥିବା ଭୁବନ ଗଣେଶ ପୂଜାର ମେଳଣ ମହୋତ୍ସବର ଅନ୍ତିମ ଦିବସରେ ୧୨ବର୍ଷ ପୂର୍ତ୍ତି ପାଳନ କରୁଥିବା ଗଣପତି କ୍ଲବ, ଡାୟନାମିକ୍ କ୍ଲବ, ନାଇସ୍ କ୍ଲବ, ସିଂଘମ୍ କ୍ଲବକୁ ସମ୍ମାନିତ କରାଯାଇଛି। ସେହିପରି ୧୨ବର୍ଷ ପୂର୍ତ୍ତି ପାଳନ କରିସାରିଥିବା ଅନ୍ୟ ୧୮ ପୁରାତନ କ୍ଲବ୍ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି। ୩୫,୦୦୦ ଟଙ୍କାରେ ଆଣ୍ଠୁଲଡୁ ନିଲାମ ହୋଇଛି। ଏହାକୁ ଫ୍ରେଣ୍ଡଶିପ୍ କ୍ଲବ ନିଲାମ ନେଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମେଲୋଡ଼ି ପରିବେଷଣ କରାଯାଇଥିବାବେଳେ ଲୋକାରଣ୍ୟ ହୋଇଉଠିଥିଲା ମେଳଣ ପଡ଼ିଆ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ମେଳଣ ଯୁବପିଢ଼ିଙ୍କୁ ଏକାଠି କରୁଛି। ଅଞ୍ଚଳବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଲାଗି ଏହା ପ୍ରକୃଷ୍ଟ ମାଧ୍ୟମ। ସମ୍ମାନିତ ଅତିଥି ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କହିଲେ ସହଯୋଗ, ସମନ୍ୱୟ ବିନା ଏଭଳି ବଡ଼ ଧରଣର କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇପାରିବ ନାହିଁ। ପ୍ରଶାସନ ଏଥିରେ ସାମିଲ ହେବା ଗୌରବର ବିଷୟ। ଅନ୍ୟତମ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ, ବିଜେଡି ନେତା ପ୍ରିୟରଞ୍ଜନ ମାହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରୁ ବିସର୍ଜନ ଆରମ୍ଭ ହେବ ବୋଲି ମେଳଣ କମିଟି ପକ୍ଷରୁ କୁହାଯାଇଛି। ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।


ମେଳଣ ପଡ଼ିଆରେ ଏକାଠି ହୋଇଥିବା ମେଢ଼।


ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଜନସମାଗମ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଗିରଫ ହେଲେ ୪୬ ଆନ୍ଦୋଳନକାରୀ

**ବଣ୍ଟାଁରପାଳ, ୬।୯ (ଡି.ଏନ.ଏ.):** ବଣ୍ଟାଁରପାଳ ଥାନା ଗାଡ଼ରଖାଇ ଗ୍ରାମବାସୀ ମଙ୍ଗଳବାର ବିଭିନ୍ନ ଦାବିନେଇ ଆନ୍ଦୋଳନ କରିଥିଲେ। ନାଲ୍‌କୋରୁ ଆଲୁମିନିୟମ ପାର୍କକୁ ଯାଇଥିବା ରାସ୍ତା ଯୋଗୁ ଗ୍ରାମ ରାସ୍ତା ନଷ୍ଟ ହେଉଛି। ପ୍ଲାଣ୍ଟ ପାର୍ଶ୍ୱରେ ଥିବାରୁ ଗ୍ରାମର ପରିବେଶ ଦୂଷିତ ହେବାରେ ଲାଗିଛି। ତେଣୁ ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଦୁର୍ଗା ମନ୍ଦିର ନିକଟରେ ଏହି ଆନ୍ଦୋଳନ କରାଯାଇଥିଲା। ଖବରପାଇ ଘଟଣା ସ୍ଥଳରେ ବଣ୍ଟାଁରପାଳ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଠାଇ ଆଣି ନାଲ୍‌କୋ କଲ୍ୟାଣ ମଣ୍ଡପ ଭିତରେ ରଖିଥିଲା। ପରେ ୪୬ ଜଣଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

### ମାହେଶ୍ୱରୀଙ୍କ ବାର୍ଷିକ ପୂଜା

**ବଇଣ୍ଡା, ୬।୯ (ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଗ୍ରାମର ମା' ମାହେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ପୂଜା ମଙ୍ଗଳବାର ମହା ସମାରୋହରେ ପାଳିତ ହୋଇଯାଇଛି। ପୂଜକ ଯାଦବ ବାଘ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବାବେଳେ ମଦନ ମୋହନ ମିଶ୍ର ସହଯୋଗ କରିଥିଲେ। ସୁଦାମ ଚରଣ ସାହୁ କର୍ତ୍ତା ଭାବେ ପୂଜାରେ ବସିଥିଲେ। ରାଜ କୁମାର ଅଗ୍ରୱାଲା, ତ୍ରିଲୋଚନ ସାହୁ, ବାବାଜୀ ବେହେରା, ରମେଶ ଚନ୍ଦ୍ର ଟିବ୍ରେୱାଲା, ଜିତେନ୍ଦ୍ର ବେହେରା, ପ୍ରଶାନ୍ତ ସାହୁ, ସଞ୍ଜୟ ସାହୁ, ରମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ବୃଦ୍ଧାଙ୍କୁ ଦଳିଦେଲା ହାତୀ

**ହିନ୍ଦୋଳ/ସାତମାଇଲ, ୬।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତାମିଲା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାଣି ଆଣିବାକୁ ଯାଉଥିବାବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଦୁରା ସାହୁ (୭୭)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବିଧବା ବୃଦ୍ଧା ଜଣକ ସକାଳ ୭ଟାରେ ଘର ନିକଟ ନଳକୂପକୁ ପାଣି ଆଣିବାକୁ ଯାଉଥିଲେ। ହଠାତ୍ ଏକ ହାତୀ ବାହାରି ତାଙ୍କୁ ଶୁଣ୍ଢରେ ଆକ୍ରମଣ କରିଥିଲା। ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଗ୍ରାମର କେତେଜଣ ବ୍ୟକ୍ତି ସୁଦୁରାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଚାପ ଉତ୍ତେଜନା ଦେଖାଦେଇଥିଲା। ମୃତା ବୃଦ୍ଧଙ୍କ ସମ୍ପର୍କୀୟ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ଏବଂ ବନ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସୁଦୁରାଙ୍କ ସ୍ୱାମୀ ସୁଦାମ ସାହୁ ଏବଂ ୨ ପୁଅଙ୍କ ମଧ୍ୟରୁ ବଡ଼ପୁଅଙ୍କର ମୃତ୍ୟୁ ହୋଇଯାଇଛି।

# ବଢୁଛି ଧଳାଜହର କାରବାର

## ୧୨୦ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ



**ଅନୁଗୋଳ ଅଫିସ, ୬।୯**

ଅନୁଗୋଳ ସହରରେ ବଢୁଛି ବ୍ରାଉନସୁଗାର କାରବାର। ଯୁବଗୋଷ୍ଠୀଙ୍କୁ ଟାର୍ଗେଟ୍ କରି ଚୋରା ବ୍ୟବସାୟୀମାନେ ରାଜ୍ୟ ବାହାରୁ ଏହି ନିଶା ସାମଗ୍ରୀ ଆଣି ଯୋଗାଇ ଦେଉଥିବା ବେଳେ ଦୀର୍ଘଦିନ ଧରି ପୋଲିସର ହାତ ଖାଲିଥିଲା। ତେବେ ସୋମବାର ଅନୁଗୋଳ ପୋଲିସ ଅମଲାପଡ଼ାର ଧୀରେନ୍ ଦାସ(୨୪)ଙ୍କ ଠାରୁ ୧୨୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଧୀରେନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍‌ପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଧୀରେନ ଜିଲା ବାହାରରୁ ବ୍ରାଉନ ସୁଗାର ଆଣି ଅନୁଗୋଳରେ ବ୍ୟବସାୟ କରୁଥିଲେ। ଏ ନେଇ ସଦର ଅବକାରୀ ଅଧିକାରୀ କୌଶଲ୍ୟା ଜେନାଙ୍କ ନିକଟକୁ ଖବର ଆସିଥିଲା। ଏହାପରେ ସେ ଧୀରେନଙ୍କ ଉପରେ ନଜର ରଖିଥିଲେ। ସୋମବାର ସନ୍ଧ୍ୟାରେ ଅମଲାପଡ଼ା ଅଞ୍ଚଳରେ ପାଉଡ଼ର ଧରି ବ୍ୟବସାୟ ପାଇଁ ପହଞ୍ଚିଥିବା ବେଳେ ଅବକାରୀ ଅଧିକାରୀ କୌଶଲ୍ୟା ଓ ସହଯୋଗୀମାନେ ଧୀରେନଙ୍କୁ ମାଡ଼ି ବସିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୨୦ ଗ୍ରାମର ବ୍ରାଉନ ସୁଗାର ବାହାରିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ. ୬୧/୨୦୨୨-୨୦୨୩ରେ ମାମଲା ରୁଜୁ କରାଯାଇ ଧୀରେନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ପାର୍ବଣ ପାଇଁ ସହରରେ ଗହଳି ବଢ଼ିବା ଆରମ୍ଭ ହୋଇଥିବବେଳେ ଏହାକୁ ସୁଯୋଗ ଭାବେ ଧରିନେଇ ନିଶା ବ୍ୟବସାୟୀମାନେ ସେମାନଙ୍କ କାରବାର ବଢ଼ାଇଦେଇଥିବା ଅଭିଯୋଗ ହେଉଛି। କିନ୍ତୁ ଅନୁଗୋଳ ପୋଲିସ ପକ୍ଷରୁ କିଛି ମାସ ହେବ ସେଭଳି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସହରର ବୁଦ୍ଧିଜୀବୀମାନେ କହିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଯଦି ବାରମ୍ବାର ଚଢ଼ାଉ ଜାରି ରଖନ୍ତେ, ତା'ହେଲେ ଅନୁଗୋଳର ଯୁବପିଢ଼ିଙ୍କ ନିକଟରେ ତାହା ପହଞ୍ଚି ପାରନ୍ତା ନାହିଁ ବୋଲି ସହରର ସଚେତନ ନାଗରିକମାନେ କହିଛନ୍ତି।

### ଗୁରୁପୂଜାର ମହତ୍ତ୍ୱ ଜାଣିଲେ ଛାତ୍ରୀଛାତ୍ର

**ତାଳଚେର, ୬।୯ (ନି.ପ୍ର.)**

ତାଳଚେର ବ୍ଲକ କଳମ ଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗ ଦେଇ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ କର୍ମମୟ ଜୀବନୀ ଉପରେ ଆଲୋଚନା କରିବା ସହ ଭାରତୀୟ ସଂସ୍କୃତିରେ ଗୁରୁ ପୂଜାର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ବୀରେନ୍ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ସହଯୋଗ କରିଥିଲେ। ସେହିପରି କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାରାୟଣ ସାହୁଙ୍କ ଆବାହକତ୍ୱରେ ଗୁରୁ ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି।

## ଆକର୍ଷଣ ସାଜିବ ଦୁଲଦୁଲି, ଝାଡ଼ଖଣ୍ଡୀ ଆଲୁଅ

**ଅନୁଗୋଳ ଅଫିସ, ୬।୯**

ଅନୁଗୋଳ ସହରରେ ୮ ଦିନ ଧରି ଚାଲିଥିବା ଗଣେଶ ପୂଜା ଉତ୍ସବ ଶେଷ ହୋଇଛି। ବୁଧବାର ଧୁମ୍‌ଧାମ୍‌ରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ନ ୩ଟାରୁ ଏ ନେଇ ଶୋଭାଯାତ୍ରା ଆରମ୍ଭ ହେବ। ମୋଟ୍ ୧୫ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିବା ସୂଚନା ମିଳିଛି। ଏ ନେଇ ଉପଜିଲାପାଳ ବଇତୁରା ଦୀପ୍‌ଙ୍କ ଅଧ୍ୟକ୍ଷତାରେ ଗତ ୩ ତାରିଖରେ ଏକ ବୈଠକ କରାଯାଇ ଭସାଣି ଉତ୍ସବକୁ କିଭଳି ଶାନ୍ତି ଶୃଙ୍ଖଳାର ଶେଷ କରାଯିବ ସେ ନେଇ ହୋଇଥିବା ଆଲୋଚନା ଅନୁଯାୟୀ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ଚଳିତବର୍ଷ ଭସାଣିରେ ମୁଖ୍ୟ ଆକର୍ଷଣ ସାଜିବ ଦୁଲଦୁଲି ଓ ଝାଡ଼ଖଣ୍ଡୀ ଲାଇଟ୍।

ଭସାଣି ଶୋଭାଯାତ୍ରା ଅନୁଗୋଳ ଟ୍ରାଫିକ୍ ଛକରୁ ବାହାରି ଘୋଡ଼ା ଛକ ଦେଇ ମେଡ଼ିକାଲ ଛକ, ବଜାରଛକ, ହରିମହୁରୀ ଛକରେ ପହଞ୍ଚିବା ପରେ ଅସ୍ଥାୟୀ ମୂର୍ତ୍ତି ବିସର୍ଜନ ପୋଖରୀରେ ବିସର୍ଜନ ହେବ। ତେବେ ୧ ରୁ ୭ ନମ୍ବର ପର୍ଯ୍ୟନ୍ତ ଥିବା ମେଢ଼ ସର୍କିଟ୍ ହାଉସ୍‌ରୁ ଥାନା ଛକ ପର୍ଯ୍ୟନ୍ତ ରହିବାକୁ ଥିବାବେଳେ ୮ରୁ

**ଅନୁଗୋଳରେ ଭସାଣି ସଜବାଜ**

୧୫ ନମ୍ବର ପର୍ଯ୍ୟନ୍ତ ମେଢ଼ ଅନୁଗୋଳ ଷ୍ଟାଡିୟମ୍‌ଠାରୁ ଥାନା ଛକ ପର୍ଯ୍ୟନ୍ତ ରହିବ। ଏହାପରେ ଗୋଟିଏ ଗୋଟିଏ ମେଢ଼ ସେମାନଙ୍କ ନମ୍ବର ଅନୁଯାୟୀ ପଛକୁ ପଛ ଯିବେ। ଭସାଣି ଉତ୍ସବରେ ପ୍ରତ୍ୟେକ ଅନୁଷ୍ଠାନ ପକ୍ଷରୁ ୨୫ରୁ ୩୦ ଜଣ ସଦସ୍ୟ ରହିବାକୁ କୁହାଯାଇଥିବାବେଳେ ଗାଡ଼ି ଓ ଲାଇଟ୍ ସଂଖ୍ୟା ୫ରୁ ୬ ରହିବ। ଏଥିରେ ବ୍ୟତିକ୍ରମ ଦେଖାଦେଲେ କମିଟିକୁ ମାଇନସ୍ ମାର୍କିଂ କରାଯିବ। ଅନ୍ୟପକ୍ଷରେ ଭସାଣି ଉତ୍ସବରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ପରିଚାଳନା କରିବାକୁ ଥିବାବେଳେ ୪ ଜଣ ଇନ୍ସପେକ୍ଟର, ୧୫ ଏସ୍‌ଆଇ ଓ ୨୫ ଏଏସ୍‌ଆଇଙ୍କ ସହ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ସେହିଭଳି ଭସାଣିକୁ ସ୍ୱତନ୍ତ୍ର କରିବାକୁ ପୂଜା କମିଟିଗୁଡ଼ିକ ପକ୍ଷରୁ ଦୁଲଦୁଲି ସାଙ୍ଗକୁ ଝାଡ଼ଖଣ୍ଡୀ ଆଲୁଅ, ସିଂହବାଜା, ମ୍ୟୁଜିକ୍ ବ୍ୟାଣ୍ଡ, ଘଣ୍ଟ ଘଣ୍ଟା, ପୁରୀର ଲୋକନୃତ୍ୟ, ପତାକା ଯାତ୍ରା ଆଦି ଆୟୋଜନ କରାଯାଇଛି।

## 'ଗୁରୁଙ୍କ ଆଦର୍ଶରେ ନିଜକୁ ଗଢ଼ିତୋଳ'



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଛେଣ୍ଡିପଦା, ୬।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବଡମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିନ୍ଦଲ ସିଏସ୍‌ଆର୍ ବିଭାଗ ଜେନେରାଲ ମ୍ୟାନେଜର ପୁଷ୍ପଲତା ଶତପଥୀ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ନିଜକୁ ଗଢିତୋଳିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ମିନତି ମିଶ୍ର ଓ ସୁଷମା ମହାପାତ୍ର ଗୁରୁଙ୍କ ବିନା ସମ୍ପୂର୍ଣ୍ଣ ଶିକ୍ଷା ଅସମ୍ଭବ ବୋଲି କହିଥିଲେ। ଛାତ୍ରୀ ଜ୍ୟୋତିର୍ମୟୀ ନାୟକ ଓ ଶ୍ରୀୟା ନାୟକ ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଛାତ୍ରୀ ସୌମ୍ୟା ରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ୍ ଓ ସ୍ମିତାରାଣୀ ଖିଲାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀ ଅର୍ଚ୍ଚିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମେଶିନରେ ରାସ୍ତା ନିର୍ମାଣ ଅଭିଯୋଗ

**ବଇଣ୍ଡା, ୬।୯ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଏକ ରାସ୍ତା ମେଶିନ ସାହାଯ୍ୟରେ ନିର୍ମାଣ କରାଯାଉଥିବା ସତ୍ୟବାଦୀପୁର ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ସତ୍ୟବାଦୀପୁର ଠାରୁ ପାଇକସାହି - ଟାପଡୋଳ ରାସ୍ତାକୁ ସଂଯୋଗ କରୁଥିବା ଏକ ମାଟି ରାସ୍ତା କାମ ଚାଲିଛି। ହେଲେ ଜବ୍‌କାର୍ଡଧାରୀଙ୍କୁ କାମ ଦେବା ବଦଳରେ ଏଥିରେ ଜେସିବି ମେଶିନ ବ୍ୟବହାର କରାଯାଉଛି। ଫଳରେ ଜବ୍‌କାର୍ଡଧାରୀ ବହୁ ଶ୍ରମିକ କାମ ନ ପାଇ ଘରେ ବସିଛନ୍ତି। ଏପରି କି ରାସ୍ତା ନିର୍ମାଣ ହେଉଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ କୌଣସି ଫଳକ ଲଗାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ନିରୋଜ କାନ୍ତ ସାହୁ କହିଛନ୍ତି, ଉକ୍ତ ମାଟି ରାସ୍ତା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉ ନାହିଁ। ପଞ୍ଚାୟତ ପାଣ୍ଠିରୁ ଉକ୍ତ କାମ କରାଯାଉଛି।

## ବ୍ଲକ ଅଫିସ ଫାଟକରେ ପକାଇଲେ ତାଲା

### ପାଟକମୁଣ୍ଡା ହରିଜନ ସାହିରେ ପିଇବା ପାଣି ସମସ୍ୟା

**ଛେଣ୍ଡିପଦା, ୬।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ଗ୍ରାମ ହରିଜନ ସାହିରେ ବର୍ଷେ ହେବ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ପାଇପ୍ ପାଣି ଠିକ୍ ଭାବେ ପହଞ୍ଚୁ ନ ଥିବାରୁ ସାହିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ପ୍ରତିକାର କରାଯାଉ ନ ଥିବାରୁ ପ୍ରତିବାଦରେ ସାହିବାସୀ ମଙ୍ଗଳବାର ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇଦେବା ସହିତ ଧାରଣାରେ ବସିଥିଲେ।



ବ୍ଲକ ଅଫିସ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି ସାହିବାସୀ।

ସାହିବାସୀ କହିଛନ୍ତି, ହରିଜନ ସାହିରେ ପ୍ରାୟ ୨୦୦ ପରିବାର ବାସ କରୁଥିବା ବେଳେ ୪ ବର୍ଷ ହେବ ବସୁଧା ଯୋଜନାରେ ପିଇବା ପାଣି ବ୍ୟବହାର କରି ଆସୁଥିଲେ। ହେଲେ ୧ ବର୍ଷ ହେବ ବୋର୍‌ୱେଲର ଜଳସ୍ତର କମିଯିବାରୁ ହରିଜନ ସାହିକୁ ପିଇବା ପାଣି ଠିକ୍ ଭାବେ ପହଞ୍ଚିପାରୁନାହିଁ। ଏ ନେଇ ସରପଞ୍ଚଙ୍କଠାରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ। ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ୧୦ ଦିନ ଭିତରେ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଅସନ୍ତୋଷ ବ୍ୟକ୍ତ କରି ମଙ୍ଗଳବାର ପାଟକମୁଣ୍ଡା ହରିଜନ ସାହିର ଶତାଧିକ ମହିଳା ପୁରୁଷ ବ୍ଲକ ଅଫିସ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବିଡିଓ ତ୍ରିବିକ୍ରମ କୁମୁରା ଧାରଣାସ୍ଥଳରେ ପହଞ୍ଚି ଶୁକ୍ରବାର ଗ୍ରାମକୁ ଯାଇ ସମସ୍ୟାର ସମାଧାନ ନିମନ୍ତେ ବ୍ୟବସ୍ଥା କରାଯିବ ଏବଂ ସମାଧାନ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରି ଯାଇଥିଲେ।

## ସାପ୍ତାହିକ ହାଟ ଶୁଭାରମ୍ଭ



ହାଟର ଶୁଭାରମ୍ଭ କରାଯାଉଛି।

**ମାଧପୁର, ୬।୯:** ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତର ତେଣ୍ଡେଇପାଲି ଛକ ନିକଟ ଲାଉପାଳ ନାଳ ପରିସରରେ ମଙ୍ଗଳବାର ଏକ ସାପ୍ତାହିକ ହାଟର ଶୁଭାରମ୍ଭ କରାଯାଇଛି। ଗୌତମପୁର ଦୟାନିଧି ସେବା ସଂଘର ଆବାହକ ଦୟାନିଧି ଦନ୍ତାଙ୍କ ପ୍ରଚେଷ୍ଟାରେ ଏହି ହାଟ ସ୍ଥାପନ ହୋଇଥିବା ବେଳେ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ହାଟରେ ବହୁ ବ୍ୟବସାୟୀ ଓ ଖାଉଟିଙ୍କ ଗହଳି ହୋଇଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ୪୧୨ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା

**ବଇଣ୍ଡା/କଣିହାଁ, ୬।୯ (ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ହାଇସ୍କୁଲ ପରିସରରେ ମଙ୍ଗଳବାର ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ୧୯୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସୁପ୍ରଭା ସାହୁ ସମସ୍ତ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଥିଲେ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିନାୟକ ଦେହୁରୀ ସହଯୋଗ କରିଥିଲେ। ସେହିପରି କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲରେ ମଙ୍ଗଳବାର ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଞ୍ଚଳର ୨୬୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୨୫୭ ଜଣ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଦ୍ଧିପ୍ରସାଦ ସାହୁ ପରୀକ୍ଷା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।



କିଶୋରନଗର ହାଇସ୍କୁଲରେ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର।

### ଆଦର୍ଶ ମଣିଷ ହେବାକୁ ପରାମର୍ଶ

**ଛେଣ୍ଡିପଦା, ୬।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଡୁକୁଡା ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଗୁରୁମା ସତ୍ୟଭାମା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଧନେଶ୍ୱର ସାହୁ ଯୋଗଦେଇ ଯୋଗ୍ୟ ଆଦର୍ଶ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ପ୍ରଧାନ ମୁଖ୍ୟବକ୍ତା ଓ ସୌମ୍ୟରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଇନ୍ଦ୍ରମଣି ନାୟକ, ମମତା ମଲ୍ଲ, ଶିକ୍ଷାଶ୍ରମର ସମସ୍ତ ଗୁରୁଜୀ ଗୁରୁମା, ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗଦେଇଥିଲେ।

## ଅତୀତର ସ୍ମୃତିଚାରଣ ଶିକ୍ଷା ବିକାଶର ମନ୍ତ୍ର

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଛାତ୍ର-ଶିକ୍ଷକ ସମ୍ମିଳନୀ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ର, ଅଧ୍ୟୟନରତ ଶିକ୍ଷାର୍ଥୀ, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଳା ଶିକ୍ଷକ ତଥା ନାଟ୍ୟକାର ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କହିଲେ, ଗୁରୁ-ଛାତ୍ର ସମ୍ପର୍କ ଏବଂ ଅତୀତର ଅଭୁଲା ସ୍ମୃତିଚାରଣ ହିଁ ଶିକ୍ଷା ଓ ଶିକ୍ଷାୟତନ ବିକାଶର ମୂଳମନ୍ତ୍ର। ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର ତଥା ଢେଙ୍କାନାଳ ସଚେତନ ନାଗରିକ ଫୋରମର ବରିଷ୍ଠ ସଦସ୍ୟ ଭରତ କୁମାର ଦାସ କହିଲେ, ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଶିକ୍ଷକମାନେ ମଣିଷ ତିଆରି କାର୍ଯ୍ୟରେ ନିୟୋଜିତ। ଦେଶ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଶିକ୍ଷକ ସମାଜ ସମ୍ମାନର ହକ୍‌ଦାର। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ସହକାରୀ ଶିକ୍ଷୟିତ୍ରୀ ବିଜୟରଶ୍ମି ମିଶ୍ର ସଭାପତିତ୍ୱ କରିଥିଲେ। ଛାତ୍ରୀ ଶୁଭସ୍ମିତା ସାହୁ, ଛାତ୍ର ଆଶୁତୋଷ ତ୍ରିପାଠୀ, ଶିକ୍ଷକ ଇତିଶ କୁମାର ବରାଳ, ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଲାନି ନିଃଶୁଳ୍କ ଔଷଧ

- ହଟହଟା ହେଲେ ଦୁର୍ଘଟଣାଗ୍ରସ୍ତ ଦିବ୍ୟାଙ୍ଗ
- ବାହାରୁ ୯୨୦ ଟଙ୍କା ଦେଇ କିଣିଲେ ମେଡିସିନ୍
- ସହାୟତାର ହାତ ବଢ଼ାଇଲେ ପୂର୍ବତନ ବିଧାୟକ

**ଢେଙ୍କାନାଳ ଅଫିସ, ୬।୯**

ସରକାରୀ ଡାକ୍ତରଖାନାରେ ଯୋଗାଇ ଦିଆଯାଉଛି ନିଃଶୁଳ୍କ ଔଷଧ। ସାଧାରଣ ଥଣ୍ଡା, ଜ୍ୱରଠାରୁ ଆରମ୍ଭ କରି ଦୁର୍ଘଟଣାଗ୍ରସ୍ତ ରୋଗୀ ଯେପରି ଉତ୍ତମ ଚିକିତ୍ସା ସୁବିଧା ପାଆନ୍ତି, ସେଥିଲାଗି କରାଯାଇଛି ସମସ୍ତ ବ୍ୟବସ୍ଥା। ହେଲେ ଗ୍ରାମାଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ସରଳତାର ସୁଯୋଗ ନେଇ ରୋଗୀଙ୍କୁ ଶୋଷଣ କରାଯାଉଛି। ନିଃଶୁଳ୍କ ଔଷଧ ଦେବା ପରିବର୍ତ୍ତେ ବାହାରୁ ଟଙ୍କା ଦେଇ କିଣିବାକୁ ବାଧ କରାଯାଉଛି। ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଛି ଏଭଳି ଏକ ଅଭିଯୋଗ। ଜଣେ ଦୁର୍ଘଟଣାଗ୍ରସ୍ତ ଶ୍ରବଣବାଧିତ ଦିବ୍ୟାଙ୍ଗ ରୋଗୀଙ୍କୁ ମେଡିକାଲକୁ ଯୋଗାଣ ହେଉଥିବା ଔଷଧ ପ୍ରଦାନ କରିବା ପରିବର୍ତ୍ତେ ବାହାରୁ କିଣିବାକୁ ବାଧ କରାଯାଇଛି। ଡାକ୍ତର ଲେଖିଥିବା ୯୨୦ ଟଙ୍କାର ଔଷଧ କିଣିବା ପାଇଁ ଉକ୍ତ ଗରିବ ଦିନ ମଜୁରିଆ ଦିବ୍ୟାଙ୍ଗଙ୍କୁ ଜଣେ ଜନପ୍ରତିନିଧିଙ୍କ ସହାୟତା ଲୋଡ଼ିବାକୁ ପଡ଼ିଥିବାବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ଅନୁଯାୟୀ, ଗଁନ୍ଦିଆ ବ୍ଲକ ବିଧାରପୁର ପଞ୍ଚାୟତ ବାଇଶିଆଁ ଗ୍ରାମ ଶବର ସାହିର ଦିନ ମଜୁରିଆ ତଥା ଦିବ୍ୟାଙ୍ଗ ବିରଞ୍ଚି ଦେହୁରୀ ମଙ୍ଗଳବାର ଅପରାହ୍ନରେ କାମସାରି ସାଇକେଲରେ ଘରକୁ ଫେରୁଥିଲେ। ନାଗେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ବାଇକ୍ ଧକ୍କା ଦେବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ରାସ୍ତାରେ ଯାଉଥିବା ଜଣେ ଯାତ୍ରୀ ତାଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ତାଙ୍କର ଡ୍ରେସିଂ କରିବା ପରେ ତାଲିକା ଧରାଇ ଦେଇ ବାହାରୁ ମେଡିସିନ କିଣି ଆଣିବାକୁ କରିଥିଲେ। ଔଷଧ ମୂଲ୍ୟ ୯୨୦ ଟଙ୍କା ହୋଇଥିବାବେଳେ ବିରଞ୍ଚିଙ୍କ ପାଖରେ ଆବଶ୍ୟକ ଅର୍ଥ ନ ଥିଲା। ସେ ନିଜ ଅସହାୟତା ସମ୍ପର୍କରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ଜଣାଇଥିଲେ। ବିଧାୟକଙ୍କ ହସ୍ତକ୍ଷେପ କରିବା ପରେ ସେ ମେଡିସିନ କିଣି ଆଣିଥିଲେ। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନନ୍ଦ ଜିଲାପାଳ, ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗରିବ ରୋଗୀଙ୍କୁ କରାଯାଉଥିବା ଏଭଳି ଶୋଷଣକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି। ତେବେ ଏହା କେବଳ ଗୋଟିଏ ଘଟଣା ନୁହେଁ। କିଛିଦିନ ତଳେ ବ୍ଲକ ଅଧୀନ କାଶୀପୁର ପଞ୍ଚାୟତ ଲହଡ଼ା ଗ୍ରାମର ଜଣେ ମହିଳାଙ୍କ ଦେହରେ ଗରମ ପେଯ ପଡ଼ିଯିବାରୁ ସେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କୁ ମଧ୍ୟ ବାହାରୁ ଔଷଧ ଅଣାଯିବାକୁ କୁହାଯାଇଥିବା ଅଭିଯୋଗ ହୋଇଛି, ଯାହା ତଦନ୍ତ ସାପେକ୍ଷ।



ଆହତ ଦିବ୍ୟାଙ୍ଗ ବିରଞ୍ଚି।

ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା. ସ୍ଥିତପ୍ରଜ୍ଞ ମହାନ୍ତି କୁହନ୍ତି, କେଉଁ ସମୟରେ ଆହତ ବ୍ୟକ୍ତି ଜଣକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ, ତାହା ଜାଣିବା ଦରକାର। ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରେସ୍କ୍ରିପ୍‌ସନରେ ମେଡିସିନ ଆଣିବା ପାଇଁ ଲେଖା ହୋଇଛି ନା ସାଦା କାଗଜରେ ଆଣିବାକୁ ଲେଖା ହୋଇଛି, ତାହା ଦେଖିବା ପରେ ଯାହା କରାଯାଇପାରିବ ବୋଲି ସେ କହିଛନ୍ତି। ସିଡିଏମ୍‌ଓ ଡ. ଅଶୋକ କୁମାର ଦାଶ କୁହନ୍ତି, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ତାଙ୍କୁ ଡାକ୍ତରଖାନାକୁ ଆଣିଥିବା ବ୍ୟକ୍ତି ଏ ବିଷୟରେ ଆମକୁ ଜଣାଇବା କଥା। 'ମୋ ସରକାର' ବ୍ୟବସ୍ଥାରେ ଡାକ୍ତରଖାନାରେ ଅଧିକାଂଶ ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। ପୂର୍ବତନ ବିଧାୟକଙ୍କ ଅଭିଯୋଗ ସଂକ୍ରାନ୍ତ ମେସେଜ୍ ମିଳିଛି। ଘଟଣା କ'ଣ ହୋଇଛି ପଚାରି ବୁଝାଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମେଡିକାଲରେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ନିଃଶୁଳ୍କ ଔଷଧ ପ୍ରଦାନ କରାଯିବାର ନିୟମ ରହିଛି। ସମସ୍ୟା ଗମ୍ଭୀର ଥିଲେ ତୁରନ୍ତ ଜିଲା ଚିକିତ୍ସାଳୟକୁ ଆମ୍ବୁଲାନ୍ସରେ ପଠାଇବା ନିର୍ଦ୍ଦେଶ ରହିଛି। ତେବେ ଦିନ ମଜୁରିଆ ବିରଞ୍ଚିଙ୍କୁ କିଏ ଏବଂ କାହିଁକି ବାହାରୁ ମେଡିସିନ ଆଣିବାକୁ ପରାମର୍ଶ ଦେଲେ, ତାହା ତଦନ୍ତ ସାପେକ୍ଷ।

